रेजिस्ट्री सं डी-221

REGISTERED No. D-221
ରେଜିଷ୍ଟ୍ରି ସଂ. ଡ଼ି-221

# भारत का राजपत्र
# The Gazette of India
# ଭାରତର ଗେଜେଟ

असाधारण
EXTRAORDINARY
ଅସାଧାରଣ

भाग XIII—अनुभाग I
Part XIII—Section I
ଭାଗ XIII— ଖଣ୍ଡ I

प्राधिकार से प्रकाशित
PUBLISHED BY AUTHORITY
ପ୍ରାଧିକାର ଦ୍ୱାରା ପ୍ରକାଶିତ

No. 1 NEW DELHI, FRIDAY, MAY 3, 1991/BAISAKH 13, 1913, (SAKA) VOL. 2
ସଂ 1 ନୂଆଦିଲ୍ଲୀ, ଶୁକ୍ରବାର, ମଇ 3, 1991/ବୈଶାଖ 13, 1913 (ଶକ) ଗ୍ରନ୍ଥଖଣ୍ଡ 2

## MINISTRY OF LAW AND JUSTICE

**(Legislative Department)**

*New Delhi, dated the 3rd May 1991/13 Baisakh, 1913 (SAKA)*

The Translation in Oriya of the following:—

(1) The Convert's Marriage Dissolution Act, 1866 (2) The Suits Valuation Act, 1887 (3) The Excise (Spirits) Act, 1863 (4) The Children (Pledging of Labour) Act, 1933 (5) The Indian Telegraph Act, 1885 (6) The Two Member Constituencies (Abolition) Act, 1961, (7) The Police Act, 1861 are hereby published under the authority of the President and shall be deemed to be the Authoritative Text thereof in Oriya under Clause (a) of Section 2 of the Authoritative Texts (Central Laws) Act, 1973 (50 of 1973).

# ଶିଶୁ (ଶ୍ରମ ବଂଧକ) ଅଧିନିୟମ, 1933

## (1933 ର ଅଧିନିୟମ ସଂ 2)

[ 24 ଫେବ୍ରୁଆରୀ, 1933 ]

**ଶିଶୁମାନଙ୍କର ଶ୍ରମର ବଂଧକକୁ ପ୍ରତିଷେଧ କରିବା ନିମିତ୍ତ ଏକ ଅଧିନିୟମ**

**ଯେହେତୁ** ଶିଶୁମାନଙ୍କର ଶ୍ରମକୁ ବଂଧକ ଦେବା ନିମିତ୍ତ ରାଜିନାମା କରାଯିବାକୁ ଏବଂ ଯେଉଁ ଶିଶୁମାନଙ୍କର ଶ୍ରମ ବଂଧକ ଦିଆଯାଇଥାଏ ସେମାନଙ୍କର ନିୟୋଜନକୁ ପ୍ରତିଷେଧ କରିବା ସମୀଚୀନ ଅଟେ ;

ତେଣୁ ଏତଦ୍ଦ୍ୱାରା ନିମ୍ନମତେ ଅଧିନିୟମିତ ହେଲା :–

ସଂକ୍ଷିପ୍ତ ନାମ, ବିସ୍ତାର ଓ ପ୍ରାରମ୍ଭ ।

1. (1) ଏହି ଅଧିନିୟମଟି ଶିଶୁ (ଶ୍ରମ ବଂଧକ) ଅଧିନିୟମ, 1933 ନାମରେ ଅଭିହିତ ହେବ ।

(2) ଏହା ସମଗ୍ର ଭାରତରେ ବିସ୍ତାରିତ ।

(3) ଏହି ଧାରା ଏବଂ ଧାରା 2 ଓ 3 ସଂଗେ ସଂଗେ ପ୍ରବୃତ୍ତ ହେବ ଏବଂ ଏହି ଅଧିନିୟମର ଅବଶିଷ୍ଟ ଧାରାଗୁଡ଼ିକ ପହିଲା ଜୁଲାଇ, 1933 ରେ ପ୍ରବୃତ୍ତ ହେବ ।

ସଂଜ୍ଞା

2. ବିଷୟ ବା ପ୍ରସଂଗରେ କୌଣସି ବିରୋଧ ନ ଥିଲେ, ଏହି ଅଧିନିୟମରେ,—

"ଏକ ଶିଶୁର ଶ୍ରମକୁ ବଂଧକ ଦେବା ପାଇଁ ଏକ ରାଜିନାମା" ଅର୍ଥ ଲିଖିତ ବା ମୌଖିକ, ଅଭିବ୍ୟକ୍ତ ବା ବିବକ୍ଷିତ ଏକ ରାଜିନାମା ଯାହାଦ୍ୱାରା କୌଣସି ଶିଶୁର ପିତା ବା ମାତା ବା ଅଭିଭାବକ ସେ ପାଇଥିବା ବା ପାଇବାକୁ ଥିବା କୌଣସି ସଂଦାୟ ବା ଫାଇଦା ବଦଳରେ ସେହି ଶିଶୁର ସେବାକୁ କୌଣସି ନିୟୋଜନରେ ଉପଯୋଗ କରାଇବାକୁ ବା ଉପଯୋଗ ହେବାପାଇଁ ଅଂଗୀକାର କରନ୍ତି :

ପରନ୍ତୁ ଯେଉଁ ରାଜିନାମା କୌଣସି ଶିଶୁର ଅପାୟ ନ ଘଟାଇ କରାଯାଇଥାଏ ଏବଂ ସେହି ଶିଶୁର ସେବା ନିମିତ୍ତ ଦିଆଯିବା ଯୁକ୍ତିଯୁକ୍ତ ମଜୁରି ଭିନ୍ନ ଅନ୍ୟ କୌଣସି ହିତ ପାଇଁ କରାଯାଇ ନ ଥାଏ ଏବଂ ଯାହାକୁ ଅନଧିକ ଏକ ସପ୍ତାହର ଏକ ନୋଟିସ ଦେଇ ପର୍ଯ୍ୟବସିତ କରାଯାଇପାରେ ତାହା ଏହି ସଂଜ୍ଞାର ମର୍ମାନୁସାରେ ଏକ ରାଜିନାମା ନୁହେଁ ,

"ଶିଶୁ" ଅର୍ଥ ପଂଦର ବର୍ଷରୁ କମ ବୟସର କୌଣସି ବ୍ୟକ୍ତି , ଏବଂ

"ଅଭିଭାବକ" ଶବ୍ଦର ଅର୍ଥ କୌଣସି ଶିଶୁର ବୈଧ ଅଭିରକ୍ଷା ବା ତତ୍ତ୍ୱାବଧାନ ଯେଉଁ ବ୍ୟକ୍ତିଙ୍କଠାରେ ଥାଏ ତାହାଙ୍କୁ ଅନ୍ତର୍ଭୁକ୍ତ କରେ ।

ଏହି ଅଧିନିୟମର ବିପରୀତ ବୋଧକ ରାଜିନାମା ବ୍ୟର୍ଥ ହେବ ।

3. କୌଣସି ଶିଶୁର ଶ୍ରମକୁ ବଂଧକ ଦେବା ନିମିତ୍ତ କରାହେବା ରାଜିନାମା ବ୍ୟର୍ଥ ହେବ ।

ଶିଶୁର ଶ୍ରମକୁ ବଂଧକ ଦେବାକୁ ରାଜିନାମା କରୁଥିବା ପିତା, ମାତା ବା ଅଭିଭାବକଙ୍କୁ ଶାସ୍ତି

4. ଯେଉଁ ବ୍ୟକ୍ତି (ଯେ କେହି) କୌଣସି ଶିଶୁର ପିତା, ମାତା ବା ଅଭିଭାବକ ହୋଇ ସେହି ଶିଶୁର ଶ୍ରମ ବଂଧକ ଦେବାକୁ କୌଣସି ରାଜିନାମା କରନ୍ତି ସେ ପଚାଶ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

ପିତା, ମାତା ବା ଅଭିଭବକଙ୍କ ସହ ଶିଶୁର ଶ୍ରମକୁ ବଂଧକ ରଖିବାକୁ ରାଜିନାମା କରିବା ନିମିତ୍ତ ଶାସ୍ତି ।

5. ଯେଉଁ ବ୍ୟକ୍ତି (ଯେ କେହି) କୌଣସି ଶିଶୁର ପିତା, ମାତା ବା ଅଭିଭବକ ସହ ଏପରି କୌଣସି ରାଜିନାମା କରନ୍ତି ଯଦ୍ଦ୍ୱାରା ସେହି ପିତା, ମାତା ବା ଅଭିଭବକ ଶିଶୁର ଶ୍ରମକୁ **ବଂଧକ** ଦିଅନ୍ତି ସେ ଦୁଇଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।

ଯେଉଁ ଶିଶୁର ଶ୍ରମକୁ ବଂଧକ ଦିଆଯାଇଥାଏ ତାହାକୁ ନିଯୋଜିତ କରିବା ନିମିତ୍ତ ଶାସ୍ତି ।

6. ଯେଉ ବ୍ୟକ୍ତି (ଯେ କେହି) କୌଣସି ଶିଶୁର ଶ୍ରମକୁ ବଂଧକ ଦେବାକୁ ରାଜିନାମା କରଯାଇଛି ବୋଲି ଜାଣି ବା ସେପରି ବିଶ୍ୱାସ କରିବାର କାରଣ ଥାଇ ସେହି ରାଜିନାମାର ଅଗ୍ରସରର୍ଥେ ସେହି ଶିଶୁକୁ ନିଯୋଜିତ କରନ୍ତି କିଂବା ତାଙ୍କର ନିୟନ୍ତ୍ରଣାଧୀନ କୌଣସି ପରିସର ବା ସ୍ଥାନରେ ସେପରି ଶିଶୁ ନିଯୋଜିତ ହେବାକୁ ଦିଅନ୍ତି ସେ ଦୁଇଶତ ଟଙ୍କା ପର୍ଯ୍ୟନ୍ତ ଜୋରିମାନାରେ ଦଣ୍ଡନୀୟ ହେବେ ।